# ଆମ ପରିବାରର ଜଣେ

ଶ୍ରୀମତୀ ସୌଦାମିନୀ ନନ୍ଦ

ସ୍ୱର୍ଗୀୟ ନୃସିଂହ ଗୁରୁ ୧୯୪୨ ଭାରତଛାଡ ଆନ୍ଦୋଳନରେ ମୁଖ୍ୟ ଅଂଶ ଗ୍ରହଣ କରି ମୋର ସ୍ୱର୍ଗୀୟ ପିତା ଦୟାନନ୍ଦ ଶତପଥିଙ୍କ ସହିତ ବରହମ୍ପୁର ଜେଲରେ ବନ୍ଦୀ ରୂପେ ଅବସ୍ଥାନ କରିଥିବା ମୁଁ ଜାଣିଛି । ସେମାନେ ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ବରହମ୍ପୁର ଜେଲରେ ଥିଲେ । ମୋର ପିତା ବରହମ୍ପୁର ଜେଲରେ ଥିବା ସମୟରେହିଁ କମ୍ୟୁନିଷ୍ଟ ପାର୍ଟିର ଅନେକ ପୁସ୍ତକ ଅଧ୍ୟୟନ କରିବା ପରେ କମ୍ୟୁନିଜମ ପ୍ରତି ଆକୃଷ୍ଟ ହେଲେ ।ଏଥିପାଇଁ ଦେଶ ସ୍ୱାଧୀନ ହେବାର ୨/୩ ବର୍ଷ ପୂର୍ବରୁ ଉଭୟଙ୍କ ମତ ପାର୍ଥକ୍ୟ ହେଲା । ଭିନ୍ନମତାବଲମ୍ବୀ ହେବା ସତ୍ତ୍ୱେ ଉଭୟଙ୍କ ମଧ୍ୟରେ ମନାନ୍ତର ହେବାର ମୁଁ କେବେ ଜାଣିବାକୁ ପାଇ ନାହିଁ । ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମର ପଞ୍ଚସଖା କହିଲେ ସ୍ୱର୍ଗୀୟ ଦୟାନନ୍ଦ ଶତପଥି,ସ୍ୱର୍ଗୀୟ ନୃସିଂହ ଗୁରୁ ,ସ୍ୱର୍ଗୀୟ ଭାଗିରଥି ପଟ୍ଟନାୟକ,ସ୍ୱର୍ଗୀୟ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର,ତଥା ସ୍ୱର୍ଗୀୟ ଚିନ୍ତାମଣି ପୂଜାରୀଙ୍କୁ ବୁଝାଇଥାଏ । ଏହି ପଞ୍ଚ ସଖାଙ୍କର ସଂଗ୍ରାମୀ ଜୀବନ ଅବଲୋକନ କରିବାର ସୁଯୋଗ ପାଇ ନାହିଁ । ନୃସିଂହ ଗୁରୁଙ୍କର ପରିବାର ତଥା ଦୟାନନ୍ଦ ଶତପଥିଙ୍କର ପରିବାର ଏକତ୍ର ଅବସ୍ଥାନ କରିଥିବାର ଶୁଣିଛି । ଉଭୟେ ଗାନ୍ଧିଜୀଙ୍କ ଉପରେ ବିଶ୍ୱାସ କରୁଥିବା ତଥା ଗାନ୍ଧୀଙ୍କ କାର୍ଯ୍ୟକ୍ରମରେ ଲୋକଙ୍କୁ ଉଦ୍‌ବୁଦ୍ଧ କରୁଥିବାରୁ ଏମାନଙ୍କୁ ଗାନ୍ଧୀ ଲୋକ ତଥା ଅସ୍ପୃଶ୍ୟ ଲୋକ ବୋଲି ନ୍ୟୂନ ଦୃଷ୍ଟିରେ ଲୋକେ ଦେଖୁଥିବାର ହୃଦୟଙ୍ଗମ କରିଛି । ଯେଉଁ ସମୟରେ ମୁଁ ବାର,ଚଉଦ ବର୍ଷର ଝିଅ ହୋଇଥାଏ । ମୋର ପିତା ଛୁଆଁ ଅଛୁଆଁ ଭେଦଭାବ ନ କରି ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ଗୃହରେ ଖିଆପିଆ କରୁଥିବାରୁ ଆମକୁ ସାହି ଲୋକେ ଗଣ୍ଡା ଓ ହରିଜନର ଝିଅ ବୋଲି କହିବାକୁ ପଶ୍ଚାଦପଦ ହେଉ ନ ଥିଲେ । ମୋର ସ୍ପଷ୍ଟ ମନେ ପଡୁଛି ଯେ ପାଣି କଳରୁ ପାଣି ଆଣିବା ପାଇଁ ଯାଉଥିଲି । ପାଣି ଭର୍ତ୍ତି କରୁଥିବା ମହିଳାମାନଙ୍କ ସହିତ ଛୁଇଁ ହୋଇଗଲେ ଜଳକୁ ଢାଳି ଦେଇ ପୁର୍ନବାର ଜଳପୂର୍ଣ୍ଣ କରୁଥିଲେ ଏବଂ ଦୁଇପଦ କଷ୍ଟ କଥା କହିବାକୁ ଭୁଲୁ ନଥିଲେ । ସ୍ୱାଧୀନତାର ୪୦ ବର୍ଷ ପରେ ଏହାର ବହୁ ପରିବର୍ତ୍ତନ ହୋଇଛି । କିନ୍ତୁ ଯେତେବେଳେ ସ୍ୱର୍ଗୀୟ ଗୁରୁ ହରିଜନମାନଙ୍କ ସହିତ ନିର୍ଲିପ୍ତ ଭାବରେ ରହି ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ଆଗେଇ ନେଉଥିଲେ,ସେ ସମୟରେ ସମାଜଠାରୁ କେତେ ଦୂର ଅପମାନ ପାଉନଥିବେ ତାହା ସହଜରେ ଅନୁମେୟ । ସ୍ୱର୍ଗୀୟ ଗୁରୁ ଓ ସ୍ୱର୍ଗୀୟ ଶତପଥି ଏସବୁକୁ ଭୃକ୍ଷେପ କରୁ ନ ଥିଲେ । ଏମାନେ ଅତ୍ୟନ୍ତ ନିର୍ଭିକ ଓ ନିରାଡମ୍ବର ଥିଲେ । ସ୍ୱର୍ଗୀୟ ଗୁରୁଙ୍କୁ ଅତି ନିକଟରେ ଅର୍ଥାତ ପରିବାରର ଜଣେ ବ୍ୟକ୍ତି ହିସାବରେ ଦେଖିଛି । ତାଙ୍କୁ ଯେତେବେଳେ ଦେଖିବାକୁ ପାଏଁ ମନରେ ସ୍ୱତଃ ଭାବନା ଆସେ ଯେ ହେଉଛନ୍ତି ଆମ ଅଞ୍ଚଳର ଅସଲ ଗାନ୍ଧିବାଦୀ । ଗାନ୍ଧୀଙ୍କ ପରି ଅଣ୍ଟାରେ ଖଦଡ ଆଣ୍ଠୁଲୁଚା ଧୋତି , କାନ୍ଧରେ ଥାଏ ଗାନ୍ଧୀଙ୍କ ପରି ଝୁଲାମୁଣି ଏବଂ ଖଣ୍ଡିଏ ଗାମୁଛା । ସତେ ଏ ଯୁଗରେ ପୁଣି ଏଡେ ନିରାଡମ୍ବର ଜୀବନଯାପନ କରୁଥିବା ଜଣେ ଋଷି ପ୍ରତିମ ବ୍ୟକ୍ତି । ଶୀତ,ବର୍ଷା,ଖରାକୁ କାହାକୁ ଭୃକ୍ଷେପ ନ କରି ପୁଙ୍ଗୁଳା ଶରୀରରେ ପୁଙ୍ଗୁଳା ପାଦରେ ସେ ଆଗକୁ ମାଡିଯିବାର ଅବିରତ ସଂଗ୍ରାମ ତାଙ୍କଠାରେ ଦେଖିଛି । ସ୍ୱର୍ଗୀୟ ଗୁରୁ ଓ ସ୍ୱର୍ଗୀୟ ଶତପଥିଙ୍କର ପରସ୍ପର ପ୍ରତି ପ୍ରଗାଢ ସ୍ନେହ ଶେଷ ଜୀବନ ପର୍ଯ୍ୟନ୍ତ ଅତୁଟ ରହିଥିଲା ଉଭୟ ପରିବାରକୁ ଏକତ୍ର କରିବା ସକାଶେ ସ୍ୱର୍ଗୀୟ ଗୁରୁ ତାଙ୍କର ଦୁହିତାଙ୍କୁ ଶତପଥିଙ୍କର ଭଗ୍ନୀପୁତ୍ର ସହିତ ବିବାହ ବନ୍ଧନରେ ଆବଦ୍ଧ କଲେ । ଏହି ଋଷି ପ୍ରତିମ ନୃସିଂହ ଗୁରୁ ଗାନ୍ଧୀଙ୍କ କୌଣସି କଥାକୁ ତଳେ ପକାଇ ନ ଥିଲେ । ତାଙ୍କର ସେହି ସତ୍ୟ, ନିଷ୍ଠା,ଧର୍ମପରାୟଣତା ଶେଷ ପର୍ଯ୍ୟନ୍ତ ସେ ଅତୁଟ ରଖି ପାରିଥିଲେ ।

ବୁଢାରଜା,
ସମ୍ବଲପୁର